# Akashvani, Sambalpur

## SAMBALPURI NEWS BULLETIN

### 26 July 2025- 6.47- 6.52 am.

*********************************************

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବାକାଏଲ୍ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଜାତୀୟ କର୍ମଶାଳା 'ଗରିମା'                I&PR

ଦେଶର୍ ପ୍ରମୁଖ ସଫେଇ କର୍ମଚାରୀ ମାନ୍କର୍ ସଶକ୍ତିକରଣ୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଜାତୀୟ କର୍ମଶାଳା 'ଗରିମା' ଆୟୋଜନ୍ କରାଯିବା । ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ୨ ଦିନିଆ କର୍ମଶାଳାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ ।

କାର୍‌ଗିଲ୍ ବିଜୟ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ କାର୍‌ଗିଲ୍ ବିଜୟ ଦିବସ୍ । ୧୯୯୯ ମସିହା ବେଲ୍‌କେ ଭାରତ୍ -ପାକିସ୍ତାନ୍ ସୀମା ନ ୬୦ ଦିନ୍‌ତକ୍ ଚାଲିଥିବା ଯୁଦ୍ଧ 'ଅପରେସନ୍ ବିଜୟ' ଥି ଜିତିକରି ଭାରତୀୟ ସେନା ବାହିନୀ ଆଝିରର୍ ଦିନେ ଦେଶ୍ ଲାଗି ଗର୍ବ ଆର୍ ଗୌରବ୍ ଆନିଥିଲେ । ଜାମ୍ମୁ କାଶ୍ମୀର୍‌ର କାର୍‌ଗିଲ୍ ସେକ୍ଟର୍ ନ ଭାରତୀୟ ସୈନିକ୍‌ମାନ୍‌କର୍ ବୀରତ୍ୱ ଆର୍ ଦେଶର୍ ସୁରକ୍ଷା ଲାଗି ଜୀବନ୍ ଦେଇଥିବା ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନାବାର୍ ଲାଗି ଫି' ବଛର୍ ଜୁଲାଇ ୨୬ ତାରିଖ୍ କାର୍‌ଗିଲ୍ ବିଜୟ ଦିବସ୍ ପାଲନ୍ କରାଯାଉଛେ । କାର୍‌ଗିଲ୍ ବିଜୟ ଦିବସ୍ ଅବ୍‌ସରେ

ଆଏଜ୍ ସାରା ଦେଶେ ଶହୀଦ୍ ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇକରି ବିଶେଷ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ସିଙ୍ଗିଲ୍ ଓ୍ଵିଣ୍ଡୋ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଶକ୍ତି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ବିଶାଲ୍ କୁମାର୍ ଦେବ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ୧୨ ନମ୍ବର୍ ଏକକ ବାତାୟନ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ଅକ୍ଷୟଶକ୍ତିର୍ ବିକାଶ୍ ଲାଗି ପାଖାପାଖି ୮ ଶହ ୭୦ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ସମ୍ବଳିତ ଶହେ ୭୮ ମେଗାଓ୍ଵାଟ୍ କ୍ଷମତାର୍ ଅକ୍ଷୟଶକ୍ତି ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ଇ ପ୍ରକଳ୍ପ ଭିତ୍‌ରେ ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ଠାନେ ୭୦ ମେଗାଓ୍ଵାଟ୍‌ର ସୌର ଉଦ୍ୟାନ୍, ଝାର୍‌ସୁଗୁଡ଼ା ଲଖନ୍‌ପୁର୍ ଠାନେ ୧୦ ମେଗାଓ୍ଵାଟ୍ ସୌର ପ୍ରକଳ୍ପ ରହିଛେ ।

ଠିକା ଶିକ୍ଷକ ଆଉ କର୍ମଚାରୀ ନିୟମିତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ ପରିଚାଳିତ୍ ବିଦ୍ୟାଳୟମାନ୍‌କର୍ ଠିକା ଶିକ୍ଷକ ଆଉ କର୍ମଚାରୀମାନ୍‌କୁ ରାଜ୍ୟ ସର୍‌କାର୍ ନିୟମିତ୍ କର୍‌ବାର୍‌କେ ନିଷ୍ପତି ନେଇଛନ୍ । ଅନୁସୂଚିତ ଜାତି,

ଜନଜାତି ବିଭାଗ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ  ୨୦୧୩ ଠିକା ନିଯୁକ୍ତି ନିୟମ୍ ଲାଗୁ ହେବାର୍ ୬ ବଛର୍ ଆଘୋନୁ ନିଯୁକ୍ତି ପାଇଥିବା ଶିକ୍ଷକ ଆଉ କର୍ମଚାରୀମାନ୍‌କୁ ନିୟମିତ୍ କରାଯିବା । ଚାକିରୀଥି ଆଘୋନୁ ଯୋଗ୍ ଦେଇଥିବା କର୍ମଚାରୀ ମାନ୍‌କୁ ବରିଷ୍ଠ ଭାବେ ବିଚାର୍ କରାଯିବା । ୨୦୨୨ ଦର୍‌ମା ନୀତି ନିର୍ଦ୍ଧାରଣ୍ ଅନ୍‌ସାରେ ସେମାନ୍‌କୁ ବଢ଼୍‌ତି ଦର୍‌ମା ଭିଲ୍ ଦିଆଯିବା ।

ଉତ୍କଳ ବିଶ୍ୱବିଦ୍ୟାଲୟ-ଭାରପ୍ରାପ୍ତ କୁଳପତି/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତ୍କଳ ବିଶ୍ୱବିଦ୍ୟାଲୟର୍ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର୍ ଯଜ୍ଞେଶ୍ୱର୍ ଦଣ୍ଡପାଟଙ୍କୁ ଦାୟିତ୍ୱ ମିଲିଛେ । ଗଲାକାଏଲ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ତାଙ୍କର୍ ନିଯୁକ୍ତିକେ ଅନୁମୋଦନ୍ କରିଛନ୍ । ସ୍ଥାୟୀ କୁଳପତି ନିଯୁକ୍ତି ହେବାର୍‌ତକ୍ ପ୍ରପେସର୍ ଦଣ୍ଡପାଟ ଇ ଦାୟିତ୍ୱଥି ରହେବେ ।

ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ                    ପି.ଆଇ.ବି.

ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ ଗଲାକାଏଲ୍ ସମ୍ବଲ୍‌ପୁର୍ ମଣ୍ଡଲ୍ ଅଧୀନ୍‌ଥି ଥିବା ସମ୍ବଲ୍‌ପୁର୍-ଟିଟିଲାଗଡ୍-ଥେରୁବାଲି

ରେଲ୍ ସେକ୍ସନ୍ ପରିଦର୍ଶନ୍ କରିକରି ଭିତିଭୂମିର୍ ସମୀକ୍ଷା କରିଛନ୍ । ଶ୍ରୀ ଫୁଙ୍କ୍ୱାଲ୍ ବର୍‌ଗଡ୍ ରୋଡ୍, ବର୍‌ପାଲି ସହେଡେ ବଡ୍ ବଡ୍ ରେଲ୍‌ଷ୍ଟେସନ୍ ମାନ୍‌କର୍ ଯାଂଚ୍ କରିଛନ୍ । ଯାତ୍ରୀମାନ୍‌କୁ ମିଲୁଥିବା ସୁବିଧା, ଚାଲିଥିବା ବିକାଶ୍ କାମ୍‌ର ଅଗ୍ରଗତି ଆଉ ସେକ୍ସନ୍‌ର ଭିତିଭୂମିର୍ ବିକାଶ୍ ଦିଗେ ନିଆଯାଇଥିବା ପଦକ୍ଷେପ୍ ମାନ୍‌କର୍ ମୂଲ୍ୟାଙ୍କନ କରିଛନ୍ ।

ମାଓ କେମ୍ପ୍ ଠାବ                    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ କାଠଫାର ଆଉ ଛତାପାନି ଜଙ୍ଗଲ୍ ଠାନେ ଜିଲ୍ଲା ପୁଲିସ୍ ଆଉ ସିଆର୍‌ପିଏଫ୍ ଜବାନ୍‌ଙ୍କର୍ ସର୍ଚ୍ଚ ଅପରେସନ୍ ବେଲ୍‌କେ ମାଓ କେମ୍ପ୍ ଠାବ୍ କରାଯାଇଛେ । କେମ୍ପ୍‌ନୁ ବିସ୍ଫୋରକ୍ ଦରବ୍ ସହେତେ ସୋଲାର୍ ପ୍ଲେଟ୍, ରାସନ୍ ଦରବ୍ ଆଉ ଉଷୋକଷା ଜବତ୍ କରାଯାଇଛେ ବଲି ନୂଆପଡ଼ା ଆରକ୍ଷୀ ଅଧିକ୍ଷକ୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ ।

ସାହାଣୀ କପ୍ ଫୁଟ୍‌ବଲ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍ ତରଫୁ ଚାଲିଥିବା ୬୪ ନମ୍ବର୍ ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟ୍‌ବଲ୍

ଚାମ୍ପିଅନ୍‌ସିପ୍‌ର ସେମିଫାଇନାଲ୍‌କେ କଟକ୍, କୋରାପୁଟ, ସୁନ୍ଦର୍‌ଗଡ଼୍ ଆର୍ ସମ୍ବଲ୍‌ପୁର୍ ଦଲ୍ ପୁହୁଁଚିଛେ । ଆଏଜ୍ କେନ୍ଦ୍ରାପଡ଼ା ଠାନେ କଟକ୍ ଆର୍ ସୁନ୍ଦର୍‌ଗଡ଼୍ ଭିତ୍‌ରେ ପହେଲା ସେମିଫାଲ୍ ଖେଲାଯିବା ଆଉ ଆଏବା କାଏଲ୍ ବ୍ରହ୍ମପୁର୍ ଠାନେ କୋରାପୁଟ୍ ଆର୍ ସମ୍ବଲ୍‌ପୁର୍ ଭିତ୍‌ରେ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ - ଅବପାତଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ । ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆଉ ସୁନ୍ଦର୍‌ଗଡ଼ ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୩ ଦିନ୍ ତକ୍ ବର୍ଷା ଲାଗି ରହେବା । ଝଁକେର୍ ଲାଗି ଆଏଜ୍ ରାଜ୍ୟର୍ ବଡ଼୍‌ଭାଗୀ ନଦୀ ନ ଜଲ୍‌ସ୍ତର୍ ବଢ୍‌ବା ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍- ଜିଲ୍ଲାପାଲ୍‌ମାନ୍‌କୁ ସତର୍କ କରେଇଛନ୍ । ରାଜ୍ୟର୍ ସମ୍ଭାବ୍ୟ ବନ୍ୟା ଥିତିର୍ ମୁକାବିଲା ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଜରୁରୀ ବୈଠକ୍ ଡାକିଥିଲେ । ଲୁକ୍‌କର୍ ଧନ୍‌ଜୀବନ୍‌ର ସୁରକ୍ଷା ଲାଗି ଆଗ୍‌ତୁରା

ତୟାର୍ ରହେବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍‌ଭଣ୍ଡାର୍‌କେ ୪ ଲାଖ୍ ୨୭ ହଜାର୍ ୫ ଶହ ୬୬ ଘନ୍‌ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍‌କେ ୩ ଲାଖ୍ ୩୫ ହଜାର୍ ୭ ଶହ ୩ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୧୦ ଫୁଟ୍ ରହିଛେ ବଲି ଡେମ୍ କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।